# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 30 June – 2026

***********************************

## ମୁଖ୍ୟ ସମ୍ବାଦ

- ରବିଧାନ ସଂଗ୍ରହ ଅବଧିକୁ ଆସନ୍ତା ଶୁକ୍ରବାର ପର୍ଯ୍ୟନ୍ତ ବୃଦ୍ଧି କଲେ ରାଜ୍ୟ ସରକାର
- ଭାରତୀୟ ସ୍ଥଳସେନା ମୁଖ୍ୟ ଭାବେ ଆଜି ଦାୟିତ୍ୱ ଗ୍ରହଣ କଲେ ଜେନେରଲ ଧୀରଜ ସେଠ୍
- ପୁରୀ ଶ୍ରୀମନ୍ଦିରରେ ଆଜିଠାରୁ ଆରମ୍ଭ ହୋଇଛି, ଶ୍ରଜିଉଙ୍କ ଅଣସର ଗୁପ୍ତନୀତି
- ସାମାଜିକ ଗଣମାଧ୍ୟମର ଗୁରୁତ୍ୱ ସମ୍ପର୍କରେ ସମସ୍ତଙ୍କୁ ଅବଗତ କରିବା ଲକ୍ଷ୍ୟ ନେଇ ଆଜି ପାଳନ କରାଯାଉଛି 'ବିଶ୍ୱ ସାମାଜିକ ଗଣମାଧ୍ୟମ ଦିବସ'

ଏବଂ

- ମୌସୁମୀ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ଲାଗି ରହିଛି ବର୍ଷା

## ରବି ଧାନ ସଂଗ୍ରହ

ରାଜ୍ୟରେ ରବିଧାନ ସଂଗ୍ରହ ଅବଧିକୁ ଆସନ୍ତା ଶୁକ୍ରବାର ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିବା ନେଇ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ଚଳିତବର୍ଷ ସରକାର ୨୦ ଲକ୍ଷ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ। ବର୍ତ୍ତମାନସୁଦ୍ଧା ୧୮ ଲକ୍ଷ ୭୯ ହଜାର ମେଟ୍ରିକ୍ ଟନ୍ ଧାନ ସଂଗ୍ରହ ହୋଇଛି। ୫ଟି ଜିଲ୍ଲାରେ ଧାନ ସଂଗ୍ରହ ହୋଇ ନ ଥିବାରୁ ଅବଧିକୁ ବୃଦ୍ଧି କରାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି।

## ସେନାମୁଖ୍ୟ-ଦାୟିତ୍ୱ ଗ୍ରହଣ

ଭାରତୀୟ ସେନା ଜାତୀୟ ସୁରକ୍ଷା ସମ୍ପର୍କିତ ସମସ୍ତ କାର୍ଯ୍ୟ ସ୍ୱଷ୍ଟ ଲକ୍ଷ୍ୟ ଓ ଦାୟିତ୍ୱର ସହିତ ନିର୍ବାହ କରିଥାଏ ବୋଲି ସେନାମୁଖ୍ୟ ଜେନେରାଲ୍ ଉପେନ୍ଦ୍ର ଦ୍ୱିବେଦୀ କହିଛନ୍ତି। ନୂଆଦିଲ୍ଲୀରେ ଆଜି ସେନାମୁଖ୍ୟ ପଦବୀରୁ ଦାୟିତ୍ୱ ହସ୍ତାନ୍ତର କରିବା ସମୟରେ ଲ୍ୟୁଟନାଣ୍ଟ ଜେନେରାଲ ଦ୍ୱିବେଦୀ କହିଛନ୍ତି, ଚାରି ଦଶକରୁ ଅଧିକ ସମୟ ଭାରତୀୟ ସେନାରେ ସେବା କରିବା ତାଙ୍କ ଜୀବନର ସବୁଠାରୁ ବଡ଼ ସମ୍ମାନ ଓ ସୁଯୋଗ ଥିଲା। ସ୍ଥଳସେନା, ନୌସେନା ଓ ବାୟୁସେନା ଉତ୍ତମ ସମନ୍ୱୟ, ପରସ୍ପର ବିଶ୍ୱାସ ଓ ଏକତ୍ର ଦୃଷ୍ଟିକୋଣ ସହିତ କାର୍ଯ୍ୟ କରିଆସୁଛନ୍ତି। ଲ୍ୟୁଟନାଣ୍ଟ ଜେନେରାଲ୍ ଦ୍ୱିବେଦୀଙ୍କ ପରେ ନୂତନ ସ୍ଥଳସେନାମୁଖ୍ୟ ଭାବେ

ଜେନେରାଲ୍ ଧୀରଜ ସେଠ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ୨୦୨୮ ମସିହା ଅଗଷ୍ଟ ମାସ ୩୧ ତାରିଖ ପର୍ଯ୍ୟନ୍ତ ଏହି ଦାୟିତ୍ୱ ତୁଲାଇବେ।

## ତୈଳ ବିପଣନ-କଟକଣା ପ୍ରତ୍ୟାହାର

ତୈଳ ବିପଣନ କମ୍ପାନୀଗୁଡ଼ିକର ଖୁଚୁରା ଦୋକାନ ମାଧ୍ୟମରେ ମୋଟର ସ୍ପିରିଟ୍ ଓ ଉଚ୍ଚ ଗତିସଂପନ୍ନ ଡିଜେଲର ବିକ୍ରୟ ଓ ବଣ୍ଟନ ନିୟନ୍ତ୍ରଣ ନେଇ ଜାରି ହୋଇଥିବା ଅସ୍ଥାୟୀ ନିୟମକୁ କେନ୍ଦ୍ର ସରକାର ପ୍ରତ୍ୟାହାର କରିଛନ୍ତି । ଆସନ୍ତାକାଲିଠାରୁ ଏହା ଲାଗୁ ହେବ ବୋଲି ପେଟ୍ରୋଲିୟମ ଓ ପ୍ରାକୃତିକ ବାଷ୍ପ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ମିଳିଛି । ପଶ୍ଚିମ ଏସିଆ ପରିସ୍ଥିତି ଯୋଗୁଁ ଚଳିତମାସ ୧୨ ତାରିଖରେ କେନ୍ଦ୍ର ସରକାର ପେଟ୍ରୋଲ ଓ ଡିଜେଲ୍ ମୂଲ୍ୟ ସ୍ଥିର ରଖିବା ଲାଗି ଏହି କଟକଣା ଜାରି କରିଥିଲେ ।

## +୨ ଇନ୍‌ଷ୍ଟାଣ୍ଟ ପରୀକ୍ଷା

ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ଦୁଇ ଇନ୍‌ଷ୍ଟାଣ୍ଟ୍ ଓ ଇମ୍ପ୍ରୁଭ୍‌ମେଣ୍ଟ ପରୀକ୍ଷା ଆସନ୍ତା ୩ ତାରିଖରେ ଅନୁଷ୍ଠିତ ହେବ। ଗୋଟିଏ ବିଷୟରେ ଅକୃତକାର୍ଯ୍ୟ ହୋଇଥିବା ପରୀକ୍ଷାର୍ଥୀଙ୍କୁ ଇନ୍‌ଷ୍ଟାଣ୍ଟ୍ ପରୀକ୍ଷା ଦେବାର ସୁଯୋଗ ମିଳିବ । ଚଳିତବର୍ଷ ପ୍ରଥମଥର ପାଇଁ ଇମ୍ପ୍ରୁଭ୍‌ମେଣ୍ଟ ପରୀକ୍ଷା ଆରମ୍ଭ ହୋଇଛି । କୌଣସି ବିଷୟରେ କମ୍ ମାର୍କ ରଖିଥିବା ପରୀକ୍ଷାର୍ଥୀ ଇମ୍ପ୍ରୁଭମେଣ୍ଟ ପରୀକ୍ଷା ଦେଇପାରିବେ । ଏଥିପାଇଁ ମୋଟ୍ ୩୨ଟି ପରୀକ୍ଷା କେନ୍ଦ୍ର କରାଯାଇଥିବା ପରିଷଦ ପକ୍ଷରୁ ସୂଚନା ମିଳିଛି ।

ଚଳିତବର୍ଷ ମୋଟ ୪ହଜାର ୬୦୦ ଜଣ ଛାତ୍ରଛାତ୍ରୀ ଏହି ଇମ୍ପ୍ରୁଭ୍‌ମେଣ୍ଟ ପରୀକ୍ଷା ପାଇଁ ଆବେଦନ କରିଛନ୍ତି। ଅନ୍ୟପକ୍ଷରେ, ଯୁକ୍ତଦୁଇ ପରୀକ୍ଷା ଖାତାର ପୁନଃ ଯାଞ୍ଚ ଆବେଦନ ଅବଧିକୁ ଆସନ୍ତା ୪ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି।

## ଅଣସର- ଅଲାରନାଥ ଦର୍ଶନ

**ପୁରୀ** ଶ୍ରୀମନ୍ଦିରରେ ଆଜିଠାରୁ ଅଣସର ଗୁପ୍ତନୀତି ଆରମ୍ଭ ହୋଇଛି। ଶ୍ରୀବଳଭଦ୍ରଙ୍କ ସ୍ଥାନରେ ଅନନ୍ତ ବାସୁଦେବ, ସୁଭଦ୍ରାଙ୍କ ସ୍ଥାନରେ ମା' ଭୁବନେଶ୍ୱରୀ, ଶ୍ରୀଜଗନ୍ନାଥଙ୍କ ସ୍ଥାନରେ ଅନନ୍ତ ନାରାୟଣ ଏବଂ ସୁଦର୍ଶନଙ୍କ ସ୍ଥାନରେ ପତିତପାବନ ପୂଜା ପାଉଛନ୍ତି। ପଞ୍ଚିଦିଅଁଙ୍କ ସହ ଖଟ ଉପରେ ଦୋଳଗୋବିନ୍ଦ, ରାମ, ନୃସିଂହ, ଭୂଦେବୀ, ଶ୍ରୀଦେବୀ, ମଦନମୋହନ, ଶ୍ରୀକୃଷ୍ଣଙ୍କୁ ମଧ୍ୟ ପୂଜା କରାଯାଉଛି। ମଙ୍ଗଳ ଆଳତୀଠାରୁ ଆରମ୍ଭ କରି ସମସ୍ତ ପୂଜାବିଧି ସମ୍ପନ୍ନ କରାଯିବା ସହ ମହାପ୍ରସାଦ ଲାଗି କରାଯିବ। ଗତକାଲି ଚତୁର୍ଦ୍ଧାମୂର୍ତ୍ତୀଙ୍କୁ ଗୋଟିପହଣ୍ଡିରେ ସ୍ନାନବେଦୀରୁ ଅଣସର ଗୃହକୁ ବିଜେ କରାଯାଇଥିଲା। ପହଣ୍ଡି ଶେଷ ହେବା ପରେ ସୁବର୍ଣ୍ଣ ଚିତା ଓ ରାହୁ ରେଖା ଓଲାଗି ହୋଇଥିଲା।

ଜ୍ୱର ପୀଡା ଲାଘବ ପାଇଁ ଶ୍ରୀଜିଉଙ୍କ ଶ୍ରୀଅଙ୍ଗରେ ଫୁଲୁରି ତେଲ ଲାଗି କରାଯିବ। ରାଜବୈଦ୍ୟ ପ୍ରସ୍ତୁତ କରୁଥିବା ଦଶମୂଳ ମହୌଷଧି ସେବନ ପରେ ମହାପ୍ରଭୁ ସୁସ୍ଥ ହେବେ। ଏହି ସମୟ ମଧ୍ୟରେ ଶ୍ରୀମନ୍ଦିରରେ ପଞ୍ଚିଦିଅଁଙ୍କୁ ପୂଜା କରାଯିବାର ପରମ୍ପରା ରହିଛି ।

ସେହିଭଳି ବ୍ରହ୍ମଗିରିସ୍ଥିତ ପ୍ରଭୁ ଅଲାରନାଥଙ୍କ ପୀଠାରେ ଆଜିଠାରୁ ଦର୍ଶନ ଆରମ୍ଭ ହୋଇଛି। ଶ୍ରଦ୍ଧାଳୁମାନେ ଆସନ୍ତା ୧୪ ଦିନ ଧରି ପ୍ରଭୁ ଅଲାରନାଥଙ୍କ ଦର୍ଶନ କରିପାରିବେ। ଭୋର ୪ଟାରୁ ମନ୍ଦିର ଦ୍ୱାରଫିଟା ପରେ ମଙ୍ଗଳ ଆଳତୀ, ଗୋପାଳ ବଲ୍ଲଭ ନୀତି ଶେଷ ହେବା ପରେ ସକାଳ ୬ଟାରୁ ଅପରାହ୍ଣ ଗୋଟାଏ ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ କରିପାରିବେ। ମଧ୍ୟାହ୍ନ ଧୂପ ପରେ ପୁଣି ଥରେ ଦିନ ୨ଟାରୁ ରାତି ଦଶଟା ପର୍ଯ୍ୟନ୍ତ ମନ୍ଦିର ଖୋଲା ରହିବ ବୋଲି ନିଯୋଗ ପକ୍ଷରୁ କୁହାଯାଇଛି। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ପୋଲିସ୍ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି।

ମହାପ୍ରଭୁଙ୍କ ଗୁପ୍ତ ସେବା ନୀତି ସମ୍ପର୍କରେ ଶ୍ରୀମନ୍ଦିର ସଂସ୍କୃତି ଗବେଷକ ଶରତ ମହାନ୍ତି, ଆକାଶବାଣୀକୁ କହିଛନ୍ତି.....

**- V/O -**

ଅନ୍ୟପକ୍ଷରେ, ତିନି ରଥର ପ୍ରଭା ସଂଯୋଗ ପାଇଁ ବେଦୀ ପଛଭାଗ ୧୪ ନାହାକାରେ ଗୋଟିଏ ଲେଖାଏଁ ଧୂଳି ଦଣ୍ଡା ଲଗାଯାଇଛି। ବର୍ତ୍ତମାନ ରଥ ନିର୍ମାଣକାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି।

## ସୋସିଆଲ୍ ମିଡିଆ ଦିବସ

ସାମାଜିକ ଗଣମାଧମ ବା ସୋସିଆଲ୍ ମିଡିଆର ଗୁରୁତ୍ୱ ସମ୍ପର୍କରେ ସମସ୍ତଙ୍କୁ ଅବଗତ କରିବା ଲକ୍ଷ୍ୟ ନେଇ ଆଜି ବିଶ୍ୱ ସୋସିଆଲ୍ ମିଡିଆ ଦିବସ ପାଳନ କରାଯାଉଛି। ସାମାଜିକ ଗଣମାଧମକୁ ବିଶ୍ୱ ଯୋଗାଯୋଗ

କ୍ଷେତ୍ରରେ  ଏକ ପ୍ରମୁଖ ମାଧ୍ୟମ ଭାବେ ଦେଖାଯାଏ। ପ୍ରତିବର୍ଷ ଜୁନ୍ ୩୦ ତାରିଖ ତଥା ଆଜିର ଦିନକୁ ଏହି ଦିବସ ଭାବେ ପାଳନ କରାଯାଉଛି।

ଆସନ୍ତୁ ଶୁଣିବା ଏ ସମ୍ପର୍କରେ ଏକ ସ୍ୱତନ୍ତ୍ର ରିପୋର୍ଟ......

ସାମାଜିକ ଗଣମାଧ୍ୟମ ବର୍ତ୍ତମାନ ସମୟରେ ମଣିଷର ଜୀବନଶୈଳୀ, ଶିକ୍ଷା, ସମ୍ବାଦ, ବ୍ୟବସାୟ, ମନୋରଞ୍ଜନ ଏବଂ ସାମାଜିକ ସଂଯୋଗର ମାଧ୍ୟମ ପାଲିଟିଛି। ସୂଚନାର ଦ୍ରୁତ ଆଦାନ-ପ୍ରଦାନ ସହିତ ଜନସାଧାରଣଙ୍କ ମଧ୍ୟରେ ଦୂରତା ହ୍ରାସ ପାଇଛି।

୨୦୧୦ ମସିହାରେ ଆମେରିକାର ପ୍ରସିଦ୍ଧ ପ୍ରଯୁକ୍ତି ୱେବ୍‌ସାଇଟ୍ ମାସେବଲ୍ ଏହି ଦିବସ ପାଳନର ଆରମ୍ଭ କରିଥିଲେ। ସାମାଜିକ ଗଣମାଧ୍ୟମ ଜରିଆରେ ବିଶ୍ୱବ୍ୟାପି ଲୋକଙ୍କୁ ଏକତା ସୂତ୍ରରେ ବାନ୍ଧିବା, ଚିନ୍ତାଧାରାର ଆଦାନପ୍ରଦାନ ଓ ସକରାତ୍ମକ ପରିବର୍ତ୍ତନକୁ ପ୍ରୋତ୍ସାହିତ କରିବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ। ବିପଦ ସମୟରେ ଉଦ୍ଧାର କାର୍ଯ୍ୟ, ରକ୍ତଦାନ ଅଭିଯାନ, ସାମାଜିକ ସହାୟତା, ସରକାରୀ ସୂଚନା ପ୍ରସାର ଏବଂ ବ୍ୟବସାୟର ଅଭିବୃଦ୍ଧି କ୍ଷେତ୍ରରେ ସାମାଜିକ ଗଣମାଧ୍ୟମର ଭୂମିକାର ଅତୁଳନୀୟ। ବର୍ତ୍ତମାନ ସମୟରେ ଅନେକ ଯୁବପିଢ଼ି ସାମାଜିକ ଗଣମାଧ୍ୟମରୁ ରୋଜଗାର କରିବା ସହ ନିଜକୁ ସଫଳ ଉଦ୍ୟୋଗୀ କରିପାରିଛନ୍ତି। କଣ୍ଟେଣ୍ଟ କ୍ରିଏଟର, ରିଲ୍ସ ଏବଂ ଅନେକ ବ୍ୟବସାୟ ଏହା ଜରିଆରେ ସଫଳତା ହାସଲ କରୁଛି।

ସାମାଜିକ ଗଣମାଧ୍ୟମର ସକରାତ୍ମକ ଦିଗ ସହିତ ଅନେକଗୁଡ଼ିଏ ପ୍ରତିବନ୍ଧକ ମଧ୍ୟ ରହିଛି। ମିଥ୍ୟା  ଖବର ପ୍ରଘଟ, ସାଇବର ଠକେଇ, ଗୋପନୀୟତାର ଉଲ୍ଲଙ୍ଘନ ଏବଂ ଅତ୍ୟଧିକ ବ୍ୟବହାର ଯୋଗୁଁ ମାନସିକ ସ୍ୱାସ୍ଥ୍ୟ ଉପରେ ନକରାତ୍ମକ ପ୍ରଭାବ ପଡିଥାଏ। ବର୍ତ୍ତମାନ ବିଶ୍ୱର ୫ ଦଶମିକ ୭/୯ ବିଲିୟନ୍ ଲୋକ ସାମାଜିକ ଗଣମାଧ୍ୟମ ବ୍ୟବହାର କରୁଛନ୍ତି। ଏ ସମ୍ପର୍କରେ ସାମାଜିକ ଗଣମାଧ୍ୟମ ସମୀକ୍ଷକ ଜାନକୀଶ ବଡ଼ପଣ୍ଡା ପ୍ରତିକ୍ରିୟାରେ କହିଛନ୍ତି....

**- V/O -**

ସାମାଜିକ ଗଣମାଧ୍ୟମ ହେଉଛି ଶକ୍ତିଶାଳୀ ସଂଯୋଗର ମାଧ୍ୟମ। ଏହାର ଦାୟିତ୍ୱଶୀଳ ଏବଂ ସକରାତ୍ମକ ବ୍ୟବହାର ଏକ ସୁରକ୍ଷିତ ଓ ସଚେତନ ଡିଜିଟଲ ସମାଜ ଗଠନରେ ସହାୟକ ହୋଇପାରିବ।

## ୧୨ ବର୍ଷ ପୂର୍ତ୍ତି

କେନ୍ଦ୍ର ସରକାରଙ୍କ ୧୨ ବର୍ଷ ଓ ରାଜ୍ୟ ସରକାରଙ୍କ ୨ ବର୍ଷ ପୂର୍ତ୍ତି ଅବସରରେ **ରାୟଗଡ଼ା** ଜିଲ୍ଲା ବିଷମକଟକଠାରେ ବୁଦ୍ଧିଜୀବୀ ସମ୍ମିଳନୀ ଆୟୋଜିତ ହୋଇଯାଇଛି। ବିଧାୟକ ରଘୁରାମ ମାଛ ମୁଖ୍ୟଅତିଥି ଭାବେ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ।

## ବରିଷ୍ଠଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

**ଭଦ୍ରକ** ଜିଲ୍ଲାରେ ବୟସ୍କ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସର୍ବେକ୍ଷଣ ଆରମ୍ଭ ହୋଇଛି। ସର୍ବେକ୍ଷଣ ସମୟରେ ସେମାନଙ୍କ ରକ୍ତଚାପ, ଚକ୍ଷୁ, ଉଚ୍ଚତା ଓ ଫୁସ୍‌ଫୁସ୍ ସମ୍ବନ୍ଧୀୟ ବିଭିନ୍ନ ପରୀକ୍ଷା କରାଯାଉଛି। ୪୫ ବର୍ଷରୁ ଅଧିକ ବୟସର ବ୍ୟକ୍ତିଙ୍କ ସାମାଜିକ, ଅର୍ଥନୈତିକ, ଶାରୀରିକ, ମାନସିକ ଏବଂ ପାରିପାର୍ଶ୍ୱିକ ପରିବେଶ ଉପରେ ମଧ୍ୟ ସର୍ବେକ୍ଷଣ କରାଯାଉଛି। ଏହାର ଫଳାଫଳ ଭବିଷ୍ୟତରେ ବୟସ୍କ ନାଗରିକଙ୍କ ପାଇଁ ସରକାରୀ ନୀତି ଓ ଯୋଜନା ପ୍ରଣୟନରେ ସହାୟକ ହେବ ବୋଲି ମତ ପ୍ରକାଶ ପାଇଛି।

# ପାଣିପାଗ

ରାଜ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀବାୟୁ ସକ୍ରିୟ ରହିଛି । ଏହାର ପ୍ରଭାବରେ ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଛି । ଭୁବନେଶ୍ୱର ଓ କଟକର କେତେକ ସ୍ଥାନରେ ବର୍ଷା ହୋଇଯାଇଛି। ଉତ୍ତର ବଙ୍ଗୋପସାଗର ପାର୍ଶ୍ୱବର୍ତ୍ତୀ ଦକ୍ଷିଣ ବାଂଲାଦେଶ ଉପକୂଳରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଆସନ୍ତା ଶୁକ୍ରବାର ସୁଦ୍ଧା ଉତ୍ତରପଶ୍ଚିମ ବଙ୍ଗୋପସାଗର ଏବଂ ଏହାର ଆଖପାଖ ଅଂଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି।

ଏ ସମ୍ପର୍କରେ ଆଞ୍ଚଳିକ ପାଣିପାଗ ବିଭାଗର ନିର୍ଦ୍ଦେଶିକା ଡକ୍ଟର ମନୋରମା ମହାନ୍ତି କହିଛନ୍ତି....

**- V/O -**

ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଆସନ୍ତା ୨୪ ଘଣ୍ଟା ମଧ୍ୟରେ କେନ୍ଦୁଝର, ମୟୂରଭଞ୍ଜ, କନ୍ଧମାଳ, ରାୟଗଡ଼ା, କୋରାପୁଟ, ମାଲକାନଗିରି ଓ ଗଜପତି ଜିଲ୍ଲାର କେତେକ ସ୍ଥାନରେ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ବର୍ଷା ଫଳରେ ରାଜ୍ୟରେ ତାପମାତ୍ରା ହ୍ରାସ ପାଇଛି ।